# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 14 September - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ତିନୋଟି ସମେତ ମୋଟ୍ ୬ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଆସନ୍ତାକାଲି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ପ୍ରଧାନମନ୍ତ୍ରୀଙ୍କ ଆସନ୍ତା ମଙ୍ଗଳବାର ଗସ୍ତ ପୂର୍ବରୁ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ
- ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ନିମ୍ନ ଅଦାଲତରେ ଅନୁଷ୍ଠିତ ହେଉଛି ରାଷ୍ଟ୍ରୀୟ ଲୋକ ଅଦାଲତ

ଏବଂ

- ହିନ୍ଦୀକୁ ରାଜଭାଷା ମାନ୍ୟତାର ଆଜି ପୂରିଲା ୭୫ ବର୍ଷ; ଦେଶବ୍ୟାପୀ ପାଳିତ ହେଉଛି ହିନ୍ଦୀ ଦିବସ

*Desk*

# ପ୍ରଧାନମନ୍ତ୍ରୀ- ବନ୍ଦେ ଭାରତ ଏକ୍ସପ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଓଡ଼ିଶାରେ ତିନୋଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ସହ ମୋଟ୍ ୬ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ।  ଝାଡ଼ଖଣ୍ଡର ଟାଟାନଗରଠାରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଟାଟାନଗର-ବ୍ରହ୍ମପୁର, ହାଓ୍ୱାଡ଼ା-ଟାଟାନଗର-ରାଉରକେଲା, ଦୁର୍ଗ-ବିଶାଖାପଟନମ୍, ଟାଟାନଗର-ପାଟନା, ହାଓ୍ୱଡ଼ା-ଧାନବାଦ-ଗୟା, ହାଓ୍ୱଡ଼ା-ଡୁମ୍‌କା-ଭାଗଲପୁର ଟ୍ରେନ୍‌ର ଶୁଭାରମ୍ଭ ହେବ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି ବ୍ରହ୍ମପୁରରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ। ଏହା ପୂର୍ବରୁ ସେ ଟାଟାନଗରଠାରେ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି।

***BBSR***

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମଙ୍ଗଳବାର ୧୭ ତାରିଖ ଦିନ ଓଡ଼ିଶା ଗସ୍ତରେ ଆସିବେ। ଭୁବନେଶ୍ୱର ଜନତା ମଇଦାନଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବା ସହ ଜନସଭାକୁ ସମ୍ବୋଧନ କରିବେ। ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ପି.ଏମ୍. ଆବାସ ଯୋଜନା ସହରାଞ୍ଚଳର

ହିତାଧିକାରୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମଧ୍ୟ ବଣ୍ଟନ କରିବେ। ସୂଚନାଯୋଗ୍ୟ, ଜାତୀୟସ୍ତରର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ପ୍ରାୟ ୧୦ ଲକ୍ଷ ହିତାଧିକାରୀ ସାମିଲ ହୋଇଛନ୍ତି। ଏହି ଯୋଜନାର ପ୍ରଥମ କିସ୍ତି ବାବଦ ୩ ହଜାର ୮୧୦କୋଟି ଟଙ୍କା ପ୍ରତ୍ୟକ୍ଷ ଅର୍ଥରାଶି ପ୍ରଦାନ ଆକାରରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରିବେ। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି ଆଜି ସୁରକ୍ଷା ବ୍ୟବସ୍ଥା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜନତା ମଇଦାନରେ ସୁରକ୍ଷା ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ନେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ କ୍ଷେତ୍ର ପରିଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଅଧିକାରୀ, ରାଜ୍ୟ ଗୃହ ସଚିବଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

***HS***

## ଉପମୁଖ୍ୟମନ୍ତ୍ରୀ- ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଗତ ଶୁକ୍ରବାର ସୁଦ୍ଧା ୫୦ ଲକ୍ଷ ମହିଳା ଆବେଦନ କରିସାରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏହି ଯୋଜନାରେ ଆସନ୍ତାକାଲି ସୁଦ୍ଧା ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀଙ୍କୁ ୧୭ ତାରିଖରେ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରିବାକୁ ପଦକ୍ଷେପ ନିଆଯାଉଛି। ଏହି ଯୋଜନା ଅର୍ନ୍ତଗତ

ପ୍ରୋତ୍ସାହନ ରାଶି ବ୍ୟାଙ୍କ ଆକାଉଣ୍ଟ କିମ୍ବା ପୋଷ୍ଟାଲ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ। ସୁଭଦ୍ରା ଯୋଜନା ନେଇ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସମଗ୍ର ରାଜ୍ୟରେ ଆସନ୍ତାକାଲି ସୁଭଦ୍ରା ସ୍ୱାଗତ ପଦଯାତ୍ରାର ଆୟୋଜନ କରାଯାଉଛି। ରାଜଧାନୀ ଭୁବନେଶ୍ୱରରୁ ଆରମ୍ଭ କରି ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଏହାର ଆୟୋଜନ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି। ଭୁବନେଶ୍ୱରରେ ଗିରିଦୁର୍ଗା ମନ୍ଦିରରୁ ରମାଦେବୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି। ସବୁ ବିଭାଗ କାର୍ଯ୍ୟାଳୟରେ ଏଲଇଡି ଜରିଆରେ ସୁଭଦ୍ରା ଯୋଜନାର ଭିଡିଓ ପ୍ରସାରଣ କରିବାକୁ ବ୍ୟବସ୍ଥା ହୋଇଛି। ବିଭାଗୀୟ ୱେବସାଇଟ୍, ସାମାଜିକ ଗଣମାଧ୍ୟମ, ମୋବାଇଲ ଆପ୍‌ରେ ସୁଭଦ୍ରା ଯୋଜନାର ଲୋଗୋ ଓ ଟ୍ୟାଗ୍ ଲାଇନ୍‌କୁ ସଂଯୁକ୍ତ କରାଯିବ।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୭ ତାରିଖରେ ଭୁବନେଶ୍ୱର ଜନତା ମଇଦାନଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବା ସହ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରିବେ।

*BHK*

## ଲୋକ ଅଦାଲତ

ସମଗ୍ର ରାଜ୍ୟରେ ଆଜି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି। ହାଇକୋର୍ଟ ସମେତ ବିଭିନ୍ନ ନିମ୍ନ ଅଦାଲତ ଓ ତାଲୁକ ସ୍ତରୀୟ ଅଦାଲତଗୁଡ଼ିକରେ ଚିହ୍ନଟ ହୋଇଥିବା ମାମଲାଗୁଡ଼ିକର ଆପୋଷ ଆଲୋଚନା ମାଧ୍ୟମରେ ଫଇସଲା ହେଉଛି।

ଭଦ୍ରକ ଠାରେ ଅନୁଷ୍ଠିତ ଲୋକ ଅଦାଲତରେ ବିଭିନ୍ନ ମାମଲାର ଆପୋଷ ଫଇସଲା ହୋଇ ପ୍ରାୟ ୩ କୋଟି ଟଙ୍କା କ୍ଷତିପୂରଣ ବାବଦରେ ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

*Sonepur*

## ସ୍ୱଚ୍ଛତା ହିଁ ସେବା ଅଭିଯାନ

ସ୍ୱଚ୍ଛତା ହିଁ ସେବା ଅଭିଯାନ ପାଳନ ନେଇ ସୁବର୍ଣ୍ଣପୁର ଜିଲ୍ଲାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ନେଇ ବିସ୍ତୃତ ଆଲୋଚନା ହୋଇଛି। 'ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା' ବାର୍ତ୍ତାକୁ ସମସ୍ତଙ୍କ ନିକଟରେ ପହଁଞ୍ଚାଇବା ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନୟାଗଡ଼ଠାରେ ସ୍ୱଚ୍ଛତା ଅଭିଯାନ ସମ୍ପର୍କିତ ସଚେତନତା ଶୋଭାଯାତ୍ରାକୁ ବିଧାୟକ ମନୋହର ରନ୍ଧାରୀ ଶୁଭାରମ୍ଭ କରିଥିଲେ। ଏହି

ଅବସରରେ 12 ବାଟାଲିୟନ ସିଆର୍‌ପିଏଫ୍ ପକ୍ଷରୁ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

***Desk***

## ଶାହା-ରାଜଭାଷା

ସମଗ୍ର ଦେଶରେ ଆଜି ହିନ୍ଦୀ ଦିବସ ପାଳନ କରାଯାଉଛି । ୧୯୪୯ ମସିହା ଆଜିର ଦିନରେ ସମ୍ବିଧାନ ସଭା ଦେବନାଗରୀ ଲିପିରେ ଲିଖିତ ହିନ୍ଦୀକୁ ଦେଶର ସରକାରୀ ଭାଷା ଭାବେ ଗ୍ରହଣ କରିଥିଲା । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ଦେଶକୁ ଏକଜୁଟ ରଖିବା କ୍ଷେତ୍ରରେ ହିନ୍ଦୀ ଭାଷା ଅଭୂତପୂର୍ବ ଭୂମିକା ନିର୍ବାହ କରୁଛି । ସେ କହିଛନ୍ତି ହିନ୍ଦୀ ଏବଂ ଅନ୍ୟ ଭାଷା ମଧ୍ୟରେ କୌଣସି ପ୍ରତିଯୋଗିତା ହେଉନାହିଁ । ନୂଆଦିଲ୍ଲୀରେ ଆଜି ରାଜଭାଷା ହୀରକ ଜୟନ୍ତୀ ସମାରୋହ ଏବଂ ଚତୁର୍ଥ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ଶାହା କହିଛନ୍ତି ସମସ୍ତ ଭାଷାକୁ ମଜବୁତ କରିପାରିଲେ, ଏକ ମଜବୁତ ଦେଶ ନିର୍ମାଣ ହୋଇପାରିବ । ସେ କହିଛନ୍ତି ଜାତୀୟ ଶିକ୍ଷାନୀତିରେ ଏହି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଛି ଏବଂ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ ଲାଗି ବ୍ୟବସ୍ଥା କରାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ଦଶନ୍ଧିରେ ହିନ୍ଦୀ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଭାଷାଗୁଡ଼ିକୁ ସମୃଦ୍ଧ କରିବା ଲାଗି ଅନେକ

ପଦକ୍ଷେପ ଗ୍ରହଣ କରାଯାଇଛି । ଅନେକ ଗୁଡ଼ିଏ ଆନ୍ତର୍ଜାତିକ ଦୃଶ୍ୟପଟରେ ପ୍ରଧାନମନ୍ତ୍ରୀ ହିନ୍ଦୀ ଓ ଅନ୍ୟ ଭାରତୀୟ ଭାଷାଗୁଡ଼ିକୁ ପ୍ରାଧାନ୍ୟ ଦେଇଆସିଛନ୍ତି । ଏହି ଅବସରରେ ଶ୍ରୀ ଶାହା ରାଜଭାଷା ଭାରତୀ ମ୍ୟାଗାଜିନ୍‌ର ହୀରକ ଜୟନ୍ତୀ ସ୍ୱତନ୍ତ୍ର ସଂସ୍କରଣକୁ ଶୁଭାରମ୍ଭ କରିଛନ୍ତି। ଏଥିସହ ରାଜଭାଷା ଗୌରବ ଏବଂ ରାଜଭାଷା କୀର୍ତ୍ତି ପୁରସ୍କାର ପ୍ରଦାନ କରିଛନ୍ତି।

ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ ହେଉଛି।

***Puri***

## ବେଆଇନ୍ ଖଣିଜ ଉତ୍ତୋଳନ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ପଥର ଖଣିଗୁଡ଼ିକରେ ଅନୁମୋଦିତ ପରିମାଣଠାରୁ ଅଧିକ ପରିମାଣର ଖଣିଜ ପଦାର୍ଥ ଉତ୍ତୋଳନ ସଂକ୍ରାନ୍ତରେ ମାମଲା ରୁଜୁ କରିବା ପାଇଁ କୁହାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏ ସଂକ୍ରାନ୍ତରେ ମାମଲା ରୁଜୁ କରିବାକୁ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ପତ୍ର ଲେଖିଛନ୍ତି। ସୂଚନା ଅନୁଯାୟୀ, ନିର୍ମାଣ ପଥର ଏବଂ ମାଙ୍କଡ଼ା ପଥର ଖଣି ଲିଜ୍‌ଧାରୀମାନଙ୍କୁ ପୂର୍ବରୁ ନୋଟିସ ଜାରି କରାଯାଇଥିଲେ ମଧ୍ୟ ଅନେକ ଲିଜ୍‌ଧାରୀ ଜୋରିମାନା ଦାଖଲ କରିନାହାଁନ୍ତ। ଫଳରେ ମହାପ୍ରଭୁଙ୍କ ରାଜସ୍ୱ କ୍ଷତି ହେଉଥିବା ମୁଖ୍ୟ ପ୍ରଶାସକ ଜଣାଇଛନ୍ତି। ଖିଲାପି ଲିଜ୍‌ଧାରୀମାନଙ୍କୁ ଆଗାମୀ ଦିନରେ

କୌଣସି ନିଲାମରୁ ବାଦ୍ ଦେବା ପାଇଁ କଳାତାଲିକାଭୁକ୍ତ କରାଯାଇଥିବା ଜଣାପଡ଼ିଛି ।

***Rayagada***

## ପିଏମ୍ କିଷାନ ଯୋଜନା

ପିଏମ୍ କିଷାନ ଯୋଜନାର ସ୍ଥିତି ନେଇ ରାୟଗଡ଼ା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଯୋଜନାରେ ଚାଷୀଙ୍କ ଅନ୍ତର୍ଭୁକ୍ତୀକରଣ, ନାମ ପଞ୍ଜୀକରଣ ଏବଂ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ନେଇ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଜିଲ୍ଲାପାଳ କହିଛନ୍ତି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ଉନ୍ନୟନ ଅଧିକାରୀ ଓ କୃଷି ଅଧିକାରୀ ଯୋଗ ଦେଇଥିଲେ ।

***Puri***

## ଶ୍ରୀମନ୍ଦିର- ସ୍ୱତନ୍ତ୍ର ନୀତିକାନ୍ତି

ପୁରୀ ଶ୍ରୀମନ୍ଦିରରେ ଠାକୁରଙ୍କର ଆଜି ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ନୀତି ଅନୁଷ୍ଠିତ ହେବ । ଏଥିପାଇଁ ସକାଳୁ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଆରମ୍ଭ ହୋଇଛି । ସନ୍ଧ୍ୟା ଅଳତୀ ପରେ ଶ୍ରୀ ମଦନମୋହନ ଏକାଦଶୀ ବେଢ଼ାକୁ ବିଜେ କରିବେ । ବେଢ଼ା ପରିକ୍ରମା ପରେ ଠାକୁରଙ୍କର ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ । ଶ୍ରୀଜୀଉଙ୍କର ଆସନ୍ତାକାଲି ବାମନ ଜନ୍ମନୀତି ଶ୍ରୀମନ୍ଦିରରେ ପାଳନ କରାଯିବ । ଏଥିପାଇଁ ପ୍ରାୟ ଅପରାହ୍ନ ୫ଟାରେ ରାତି ୮ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର

ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଗଜପତି ମହାରାଜଙ୍କର ଶୁନିଆ ଉତ୍ସବ ମଧ୍ୟ ଆସନ୍ତାକାଲି ଶ୍ରୀନଅରରେ ପାଳନ କରାଯିବ।

***Nayagada***

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ନୟାଗଡ଼ ମଣ୍ଡଳସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନବଘନ ହାଇସ୍କୁଲଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚବିଦ୍ୟାଳୟ ବର୍ଗରେ ୨୬୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କ ସମେତ ଶିକ୍ଷାବିଭାଗର ଜିଲ୍ଲାସ୍ତରୀୟ ଅନ୍ୟାନ୍ୟ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

***HS***

# ପାଣିପାଗ

ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ-ପୂର୍ବ ବାଙ୍ଗଲାଦେଶ ଉପକୂଳରେ ସକ୍ରିୟ ଲଘୁଚାପ ଆଜି ସୁଦ୍ଧା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି।

ସୂଚନା ଅନୁଯାୟୀ, କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ବଜ୍ରପାତ ନେଇ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଭୀଷଣ ବର୍ଷା ଓ ବଜ୍ରପାତ ନେଇ ୫ଟି ଜିଲ୍ଲା ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ାକୁ ସତର୍କତା ଜାରି କରାଯାଇଛି। ତେବେ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସମସ୍ତ ସରକାରୀ, ବେସରକାରୀ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ରକୁ ଆଜି ପାଇଁ ଛୁଟି ଘୋଷଣା କରିଛନ୍ତି ।

## ସୁରଭୀ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନଭେମ୍ବର ମାସ ୧୨ ତାରିଖରୁ ତିନି ଦିବସୀୟ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ **ସୁରଭୀ** ଅନୁଷ୍ଠିତ ହେବ । ଭୁବନେଶ୍ୱର ୟୁନିଟ୍-୩ କ୍ୟାପିଟାଲ୍ ହାଇସ୍କୁଲ୍‌ରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଚଳିତ ବର୍ଷର ମୁଖ୍ୟ ପ୍ରସଙ୍ଗ **ଓଡ଼ିଶାର ଲୋକକଳା** ରହିଛି । ଏ ନେଇ ବିଦ୍ୟାଳୟ ସ୍ତରରେ ଆସନ୍ତା ୧୭ ତାରିଖରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ ।

********************************